TIMES CITY

THE TIMES OF INDIA, BHUBANESWAR | THURSDAY, NOVEMBER 2, 2017

RFORM IN BALASORE, PLEAD
YING TRADITIONS | 4

LACK OF INFRASTRUCTURE HITS TOURISM
KORAPUT, NEIGHBOURING ARAKU FARES

# IIT-BBS to get a 'world class' Centre of Excellence




JOYOUS TIDINGS

**Bhubaneswar:** The state government on Wednesday said it would support the establishment of a world class Centre of Excellence in the Research and Entrepreneurship Park of IIT, Bhubaneswar. This apart, the government has recognized at least 130 startup ventures under the Odisha Start up Initiative, official sources said.

The decisions were taken at the second Startup Council Meeting held here under the chairmanship of chief secretary A P Padhi, who directed officials to undertake more focused and outcome-oriented activities for the promotion of innovative entrepreneurship in the state.

The centre at IIT would deal with virtual and augmented reality, Padhi said, adding that work on it had been kick-started by a contribution of Rs 2.5 crore from Susmita Bagchi and a matching grant of Rs 2.5 crore by the state government.

Omkar Rai, director-general of Software Technology Park of India (STPI), who was present at the meeting, also promised a grant of Rs 2.5 crore for the centre at IIT.

Participating in the meeting, R V Raja Kumar, director of IIT Bhubaneswar, said the centre would have a world-class incubation facility, laboratory, highly focused courses along with education and skill development programmes.

The council approved product development and financial assistance for two new startups in the field of 'automation in industry maintenance' and 'alternative technology for repair of oil and gas pipelines'.

Various activities over the next six months, with estimated expenditure of Rs 15 crore, was approved at the meeting. It also nominated XIMB, Centurian University, IITM, and KIIT as evaluators of startup proposals.

Earlier, the council had nominated six nodal agencies for evaluating and processing startup applications. These were: IIT Bhubaneswar, STPI Bhubaneswar, NIT Rourkela, IMMT Bhubaneswar, OUAT Bhubaneswar and NIFT Bhubaneswar. PTI

ପ୍ରମେୟ
THE PRAMETA
ଭୁବନେଶ୍ୱର
ଗୁରୁବାର
୨ ନଭେମ୍ବର ୨୦୧୭

# ଆଇଆଇଟି ଭୁବନେଶ୍ୱରରେ ହେବ ଉତ୍କର୍ଷ କେନ୍ଦ୍ର

## ସବୁପ୍ରକାର ସହଯୋଗ କରିବ ରାଜ୍ୟ

## ଓଡ଼ିଶା ଷ୍ଟାର୍ଟଅପ୍ ଅଭିଯାନରେ ୧୩୪ ଷ୍ଟାର୍ଟଅପ୍



ଭୁବନେଶ୍ୱର,୧।୧୧(ବ୍ୟୁରୋ): ଆଇଆଇଟି ଭୁବନେଶ୍ୱରରେ ହେବ ବିଶ୍ୱଶ୍ରେଣୀୟ ଉତ୍କର୍ଷ କେନ୍ଦ୍ର। ଶିକ୍ଷାନୁଷ୍ଠାନର ଗବେଷଣା ଓ ଔଦ୍ୟୋଗିକ ପାର୍କରେ ଏହି ଷ୍ଟେଟ୍ ଅଫ୍ ଦି ଆର୍ଟ କେନ୍ଦ୍ର ସ୍ଥାପନ ହେବ। ଏଥିପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଓ ସମର୍ଥନ ଯୋଗାଇଦେବେ ବୋଲି ବୁଧବାର କହିଛନ୍ତି।

ଏହାଛଡ଼ା ଓଡ଼ିଶା ଷ୍ଟାର୍ଟଅପ୍ ଅଭିଯାନରେ ରାଜ୍ୟର ମୋଟ ୧୩୪ ଷ୍ଟାର୍ଟଅପ୍ ଭେଞ୍ଚର୍ ସ୍ଥାନ ପାଇଛନ୍ତି। ଷ୍ଟାର୍ଟଅପ୍ କାଉନ୍ସିଲ୍ ପକ୍ଷରୁ ଏଗୁଡ଼ିକୁ ମନୋନୀତ କରାଯାଇଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ଦ୍ୱିତୀୟ ଷ୍ଟାର୍ଟଅପ୍ କାଉନ୍ସିଲ୍ ବୈଠକରେ ଏହିସବୁ ନିଷ୍ପତ୍ତି ନିଆଯାଇଛି।

ଶ୍ରୀ ପାଢ଼ି ସୂଚନା ଦେଇ କହିଛନ୍ତି, ରାଜ୍ୟରେ ଅଭିନବ ଔଦ୍ୟୋଗିକ ବିକାଶକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ସେହିପରି ଆଇଆଇଟି ଭୁବନେଶ୍ୱରରେ ସ୍ଥାପନ ହେବାକୁ ଥିବା ଉତ୍କର୍ଷତା କେନ୍ଦ୍ର ସମ୍ପର୍କରେ ସେ କହିଛନ୍ତି, ସୁସ୍ମିତା ବାଗ୍‌ଚିଙ୍କ ପକ୍ଷରୁ ୨.୫ କୋଟି ଟଙ୍କାର ଅବଦାନ ଓ ରାଜ୍ୟ ସରକାରଙ୍କ ସମାନ ପରିମାଣର ଆର୍ଥିକ ସହାୟତା ଜରିଆରେ କେନ୍ଦ୍ର ସ୍ଥାପନ ହେବ।

ବୈଠକରେ ଉପସ୍ଥିତ ଥିବା ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ (ଏସ୍‌ଟିପିଆଇ)ର ମହାନିର୍ଦ୍ଦେଶକ ଓମ୍‌କାର ରାୟ ଏସ୍‌ଟିପିଆଇ ପକ୍ଷରୁ ସବୁ ସମର୍ଥନ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଆର୍ ଭି ରାଜା କୁମାର କହିଛନ୍ତି, ଉତ୍କର୍ଷତା କେନ୍ଦ୍ରରେ ଏକ ବିଶ୍ୱ ଶ୍ରେଣୀୟ ଇନ୍‌କ୍ୟୁବେସନ୍ ସେଣ୍ଟର, ଲାବୋରେଟୋରି, ଉନ୍ନତ ପାଠ୍ୟକ୍ରମ ଓ ଶିକ୍ଷା ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆଦି ରହିବ।

ବୈଠକରେ ଷ୍ଟାର୍ଟଅପ୍ କାଉନ୍ସିଲ୍ ପକ୍ଷରୁ ୨ଟି ନୂଆ ଷ୍ଟାର୍ଟଅପ୍‌କୁ ଉତ୍ପାଦ ବିକାଶ ଓ ଆର୍ଥିକ ସହାୟତା ପାଇଁ ଅନୁମୋଦନ ମିଳିଥିଲା। ଏହାସହିତ ଆଗାମୀ ୬ ମାସ ପାଇଁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକଳାପ ନେଇ ଆଲୋଚନା ହେବା ପରେ ମଞ୍ଜୁରି ମିଳିଥିଲା। ଏଥିରେ ପାଖାପାଖି ୧୫ କୋଟି ଟଙ୍କା ବ୍ୟୟ ହେବ ବୋଲି ଆକଳନ କରାଯାଇଛି।

## ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହନ

# ଓଡ଼ିଶାରେ ସ୍ଥାପନ ହେବ ବିଶ୍ୱସ୍ତରୀୟ ଉଦ୍‌ଭାବନାଗାର

### ୧୩୦ ଷ୍ଟାର୍ଟଅପ୍‌କୁ ଉଚ୍ଚସ୍ତରୀୟ କମିଟିର ଅନୁମୋଦନ

### ରାଜଧାନୀରେ ହେବ ଜାତୀୟ ନବୋନ୍ମେଷ ଉତ୍ସବ

### ଜାଭିଅର, ସେଞ୍ଚୁରିଆନ, କିଟ୍‌ରେ ଉଦ୍‌ଭାବନାଗାର ସ୍ଥାପନ

ଭୁବନେଶ୍ୱର ୧।୧୧(ନି.ପ୍ର.)- ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହିତ କରିବା ନିମନ୍ତେ ଆଇଆଇଟି ପରିସରରେ ସ୍ଥାପନ ହେବ ବିଶ୍ୱସ୍ତରୀୟ ଉଦ୍‌ଭାବନାଗାର (ଇନ୍‌କ୍ୟୁବେଟର)। ଏଥିନିମନ୍ତେ ରାଜ୍ୟ ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀଙ୍କ ପତ୍ନୀ ୨.୫ କୋଟି ଟଙ୍କା ସହାୟତା ପ୍ରଦାନ କରିବେ। ରାଜ୍ୟ ସରକାର ୨.୫ କୋଟି ଟଙ୍କା ଓ ସଫ୍ଟୱେର ଟେକ୍‌ନୋଲୋଜି ପାର୍କ ଅଫ୍ ଇଣ୍ଡିଆ କର୍ତ୍ତୃପକ୍ଷ ସମ ପରିମାଣର ଅର୍ଥ ପ୍ରଦାନ କରିବେ । ୫୬୦୦ ବର୍ଗଫୁଟ ଅଞ୍ଚଳରେ ଏହି ଉଦ୍‌ଭାବନାଗାର ସ୍ଥାପନ ହେବ ଏବଂ ଏହା ଜରିଆରେ ଓଡ଼ିଶାର ଷ୍ଟାର୍ଟଅପ୍ ଉଦ୍ୟୋଗୀମାନେ ଉପକୃତ ହୋଇ ପାରିବେ। ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ହୋଇଛି ।

ସୂଚନା ଅନୁସାରେ ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ଷ୍ଟାର୍ଟଅପ୍ ନିମନ୍ତେ ୧୭୯ଟି ପ୍ରସ୍ତାବ ସରକାରଙ୍କ ହସ୍ତଗତ ହୋଇଛି ଏବଂ ଏହାମଧ୍ୟରୁ ଭୁବନେଶ୍ୱର ଆଇଆଇଟି, ଏସ୍‌ଟିପିଆଇ, ଓୟୁଏଟି, ଏନ୍‌ଆଇଏଫ୍‌ଟି ଓ ଏନ୍‌ଆଇଟି ରାଉରକେଲାର ବୈଷୟିକବିତ୍‌ମାନଙ୍କୁ ନେଇ ଗଠିତ କମିଟି ୩୪ଟି କ୍ଷେତ୍ରରେ ୧୩୦ଟି ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରିଛି । ଆଇଟି କ୍ଷେତ୍ରରେ ସର୍ବାଧିକ ୨୩ଟି ପ୍ରସ୍ତାବ ଅନୁମୋଦନ ଲାଭ କରିଥିବାବେଳେ କୃଷି, କଳା ଓ ଫଟୋଗ୍ରାଫି, ମୋଟର ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ, ସ୍ୱାସ୍ଥ୍ୟସେବା, ଗୃହ ସେବା, ମାନବସମ୍ବଳ, ପଶୁ ଯତ୍ନ, ଖୁଚୁରା ବ୍ୟବସାୟ, ବୃତ୍ତିଗତ ସେବା, ପୋଷାକ ପ୍ରସ୍ତୁତି, ପର୍ଯ୍ୟଟନ, ପରିବହନ ଓ ସଂରକ୍ଷଣ, ନବୀକୃତ ଶକ୍ତି ଆଦି କ୍ଷେତ୍ରରେ ଅନ୍ୟ ପ୍ରସ୍ତାବ ଆସିଛି । ଏହାମଧ୍ୟରୁ ୨୦ ଜଣ ଉଦ୍ୟୋଗୀଙ୍କୁ ମାସିକ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି ଓ କିଛି ଉଦ୍ୟୋଗୀଙ୍କୁ ଏକକାଳୀନ ସହାୟତା ଦିଆଯାଇଛି । ଇତି ମଧ୍ୟରେ ରାଜ୍ୟରେ ୬ଟି ଇନ୍‌କ୍ୟୁବେଟର (ଉଦ୍‌ଭାବନାଗାର) ସ୍ଥାପନ ପ୍ରସ୍ତାବ ଆସିଛି ଏବଂ ଏଥିରୁ ୪ଟିର ପ୍ରସ୍ତାବ ଗ୍ରହଣ କରାଯାଇଛି । ଏକ୍ସଆଇଏମ୍‌ବି ଓ ସେଞ୍ଚୁରିଆନ ସାମାଜିକ ନବୋନ୍ମେଷ, କିଟ୍‌ରେ ବାୟୋ ଟେକ୍‌ନୋଲୋଜି ଓ ସ୍ୱାସ୍ଥ୍ୟ ସଂକ୍ରାନ୍ତ ଉଦ୍‌ଭାବନାଗାର ସ୍ଥାପନ ପ୍ରସ୍ତାବ ନେଇ କମିଟି ସକାରାତ୍ମକ ମନୋଭାବ ପୋଷଣ କରିଛନ୍ତି । ଏହା ସହ ଏନ୍‌ଆଇଏଫ୍‌ଟି, ଆଇଆଇଟି ଓ ଆଇଆଇଆଇଟି ମଧ୍ୟ ଅନୁରୂପ ପ୍ରସ୍ତାବ ପ୍ରଦାନ କରିଛନ୍ତି । ଅପରପକ୍ଷରେ ଓଡ଼ିଶାରେ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଜାତୀୟ ନବୋନ୍ମେଷ ଉତ୍ସବ ଆୟୋଜନ ସଂକ୍ରାନ୍ତରେ ଆଲୋଚନା ହୋଇଛି । ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ନୂତନ ଉଦ୍‌ଭାବନଗୁଡ଼ିକର ଉପଯୁକ୍ତ ମୂଲ୍ୟାୟନ ଓ ଏହାର ରୂପାନ୍ତରଣ ଉପରେ ବୈଠକରେ ଗୁରୁତ୍ୱ ଦେଇଥିବାବେଳେ ମୁଖ୍ୟ ସଚିବ ଶ୍ରୀ ପାଢ଼ୀ ରାଜ୍ୟରେ ଶିଳ୍ପ ବିକାଶ ନିମନ୍ତେ ଉଦ୍ୟୋଗୀମାନଙ୍କର ନୂତନ ଉଦ୍‌ଭାବନକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି ।

ଅଣୁ, କ୍ଷୁଦ୍ର, ମଧ୍ୟମ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଲକ୍ଷ୍ମୀନାରାୟଣ ଗୁପ୍ତା ଏହି ଅବସରରେ ଷ୍ଟାର୍ଟଅପ୍ ସମ୍ପର୍କରେ ସୂଚନା ଦେଇଛନ୍ତି । ବର୍ତ୍ତମାନ ସୁଦ୍ଧା ୧୮ ଜଣ ନୂତନ ଉଦ୍‌ଭାବନକାରୀ ଉଦ୍ୟୋଗୀଙ୍କୁ ଷ୍ଟାର୍ଟଅପ୍ କାଉନ୍‌ସିଲ୍ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ଏବଂ ଆଜିର ବୈଠକରେ ଆଉ ୨ ଜଣଙ୍କୁ ଏଥିଲାଗି ବଛା ଯାଇଛି। ଏହାକୁ ଅଧିକ ସମ୍ପ୍ରସାରିତ କରିବା ପାଇଁ ଏକ ନୂତନ ୱେବସାଇଟ୍ ସ୍ଥାପନ ପାଇଁ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀ ଗୁପ୍ତା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଇଟି ବିଭାଗ ସ୍ୱତନ୍ତ୍ର ସଚିବ ଅଶୋକ କୁମାର ମିନା, ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ରାଜା କୁମାର, ଏସ୍‌ଟିପିଆଇ ମହାନିର୍ଦ୍ଦେଶକ ଓମ୍‌କାର ରାୟଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।